# ବରିଷ୍ଠ ନାଗରିକ ସେବା ସମ୍ମାନ ସମାରୋହ



ବରଗଡ଼, ୨୧।୨(ସମିସ): ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ କକ୍ଷଠାରେ ୭୮ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମୋହତ୍ସବ ମହୋତ୍ସବର ସଫଳ ଆୟୋଜନରେ ଉଲ୍ଲେଖନୀୟ ଅବଦାନ ରଖିଥିବା ସକ୍ରିୟ କର୍ମୀ ଓ ଅଧିକାରୀ ମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଶନିବାର ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଧନୁଯାତ୍ରା ସମୟରେ ପ୍ରଶାସନିକ ସମନ୍ୱୟ, ଶୃଙ୍ଖଳାବଦ୍ଧ ପରିଚାଳନା ଓ ପ୍ରଚାର ପ୍ରସାର, ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ଆୟୋଜନ, ଜନସାଧାରଣଙ୍କ ସୁବିଧା ସୁନିଶ୍ଚିତକରଣ ଏବଂ ପରମ୍ପରା ସୁରକ୍ଷାରେ ଯେଉଁମାନେ ସହାୟତା କରିଥିଲେ, ସେମାନଙ୍କୁ ସଂଘ ତରଫରୁ କୃତଜ୍ଞତା ଜଣାଇବା ସହ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହୋଇଥିବା ଅଧିକାରୀ ମାନଙ୍କ ମଧ୍ୟରେ ବରଗଡ଼ ଉପଜିଲ୍ଲାପାଳ ତଥା ଗୋପପୁର କମିଟିର ଆବାହକ ପ୍ରସନ୍ନ ପାଣ୍ଡେ, ସହଆବାହକ ତଥା ବରଗଡ଼ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ପ୍ରଚାର ପ୍ରସାର କମିଟିର ଆବାହକ ପ୍ରହଲ୍ଲାଦ ଖୋସଲା, ବାଲ ଧନୁଯାତ୍ରାର ଆୟୋଜନ ପାଇଁ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏବଂ ଜିଲ୍ଲା ସମାଜିକ ସୁରକ୍ଷା ଓ ସଂସ୍କୃତି ଅଧିକାରୀ ତାହିର ହୁସେନ, ବରିଷ୍ଠ କଳାକାର ଶଙ୍କର ପଟ୍ଟନାୟକଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୋବିନ୍ଦ ନାଗ ସେବା ସମ୍ମାନ ସ୍ମୃତିଚିହ୍ନ ଗ୍ରହଣ କରିଥିଲେ। ସଭାପତି କେଦାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ସର୍ଦ୍ଦାର ପ୍ରିତମ ସିଂ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉପସଭାପତି ନିର୍ମଳ କିଶୋର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ନବକିଶୋର ସାହୁ, ଚନ୍ଦ୍ର ଶେଖର ସାହୁ, ଜଗଦୀଶ ସାହୁ, ଅମୂଲ୍ୟ ପତି, ଗୌର ଚନ୍ଦ୍ର କର, ମଙ୍ଗଳୁ ବିଶ୍ୱାଳ, ନବ କିଶୋର ସାହୁ, ବଳରାମ ବାବୁ, ପ୍ରଶନ୍ନ ପ୍ରଧାନ, ସୁଶୀଲ ମହାପାତ୍ର, କେଦାର ଚରଣ ଦାଶ, ସାଧୁ ଚରଣ ଦାଶ, ତୁଳସୀ ଚରଣ ଦାଶ, ସତ୍ୟ ନାରାୟଣ ପଣ୍ଡା, ବାଳ ମୁକୁନ୍ଦ ଦାଶ, ଦେବୀ ପଟ୍ଟନାୟକ, କୃଷ୍ଣ ପଟ୍ଟନାୟକ ପ୍ରମୁଖ ଶତାଧିକ ସଭ୍ୟ ଯୋଗଦେଇଥିଲେ। ଶେଷରେ ଡ.ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଇଁସାଦର୍ହା ଅଙ୍ଗନବାଡ଼ି କେନ୍ଦ୍ରରେ ଝୁଲୁଛି ତାଲା

ଝାରବନ୍ଧ, ୨୧।୨(ସମିସ)

ଝାରବନ୍ଧ ବ୍ଲକ ଅଧୀନ ଭଇଁସାଦର୍ହା ଗାଁର ଅଙ୍ଗନବାଡି କେନ୍ଦ୍ର-୨ର ନୂତନ ଭବନ ନିର୍ମାଣ ସମାପ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନଥିବାରୁ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖାଯାଇଛି। ଫଳସ୍ୱରୂପ, ଅଞ୍ଚଳର ଶିଶୁ ଓ ଗର୍ଭବତୀ ମହିଳାମାନେ ପ୍ରାଥମିକ ପୋଷଣ ଓ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ହୋଇଥିବା ଏହି ଗୃହଟି ଅବ୍ୟବହୃତ ହୋଇ ପଡ଼ିରହିଛି। ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ କାମ ବହୁଦିନ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏହାର ଉଦ୍‌ଘାଟନ କିମ୍ବା ନିୟମିତ କାର୍ଯ୍ୟାରମ୍ଭ ପାଇଁ




ପ୍ରଶାସନ ପକ୍ଷରୁ କୌଣସି ସ୍ୱଷ୍ଟ ପଦକ୍ଷେପ ନିଆଯାଇନାହିଁ। ଏହି କାରଣରୁ ବର୍ତ୍ତମାନ କେନ୍ଦ୍ରଟି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଅସ୍ଥାୟୀ ଭାବେ ଚାଲୁଥିବା ବୋଲି ଜଣାପଡ଼ିଛି। ଏହା ଫଳରେ ଛୋଟ ଶିଶୁମାନଙ୍କ ପୌଷ୍ଟିକ ଆହାର, ପ୍ରାଥମିକ ପ୍ରାକ୍-ଶିକ୍ଷା ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥିତ ଭାବେ ପାଇବାରେ ଅସୁବିଧା ହେଉଥିବାର ଶୁଣିବାକୁ ମିଳୁଛି। ନୂତନ ଭବନ ବ୍ୟବହାରରେ ନ ଆସିବାରୁ ଶିଶୁମାନେ ପର ଘରରେ ଚାଲୁଥିବା କେନ୍ଦ୍ରକୁ ଯିବାକୁ ବାଧ୍ୟ ହେଉଥିବା ସହିତ ଗର୍ଭବତୀ ଓ ସ୍ତନ୍ୟପାନକାରୀ ମହିଳାମାନେ ମଧ୍ୟ ନିୟମିତ

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ପୋଷଣ ଓ ସ୍ୱାସ୍ଥ୍ୟ ସେବା ପାଇଁ ଅଙ୍ଗନବାଡି କେନ୍ଦ୍ରକୁ ଯିବା ବେଳେ ଅସୁବିଧା ଭୋଗ କରୁଛନ୍ତି। ଶୀଘ୍ର ଭଇଁସାଦର୍ହା ଅଙ୍ଗନବାଡି କେନ୍ଦ୍ର-୨କୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ଲକ ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ତତ୍କାଳ ହସ୍ତକ୍ଷେପ ଦାବି ହୋଇଛି।

**● ତହସିଲଦାରଙ୍କ ନିଲମ୍ବନ ମାମଲା**

# ପଦ୍ମପୁରରେ ନୂଆ ତହସିଲଦାର ନିଯୁକ୍ତି ଦାବି

ପଦ୍ମପୁର, ୨୧।୨(ସମିସ): ପଦ୍ମପୁର ତହସିଲଦାରଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିବା ହେତୁ ପଦ ଖାଲି ରହିଛି। ଫଳରେ ପ୍ରଶାସନିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଜମି ମ୍ୟୁଟେସନ, ଆର୍‌ଓଆର ସୁଧାର, ଆୟ, ଜାତି ଓ ବାସିନ୍ଦା ସାର୍ଟିଫିକେଟ ଇତ୍ୟାଦି ଆବଶ୍ୟକ କାମରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଶୀଘ୍ର ନୂତନ ତହସିଲଦାର ନିଯୁକ୍ତି ପାଇଁ ଦାବି ଉଠାଇଛନ୍ତି। ପଦ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ତହସିଲରେ ପ୍ରଶାସନିକ ଶୂନ୍ୟତା ଦୀର୍ଘ ସମୟ ରହିବା ଉଚିତ୍ ନୁହେଁ ବୋଲି ଜନସାଧାରମ କହିଛନ୍ତି। ଯଥାଶୀଘ୍ର ଜଣେ ଅନୁଭବୀ ଅଧିକାରୀଙ୍କୁ ନିଯୁକ୍ତ କରି ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

# ବିଶ୍ୱ ସାମାଜିକ ନ୍ୟାୟ ଦିବସ

ବରଗଡ଼, ୨୧।୨(ସମିସ): ବରଗଡ଼ ଯଦୁମଣି ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରୀ, ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ପାଳିତ ହେଉଛି। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ସାଇବର ବିଶେଷଜ୍ଞ ଡିଏସପି ଗୋବିନ୍ଦ ମାଝୀ, ଲିଡ୍ ବ୍ୟାଙ୍କ ମେନେଜର ବୈଦ୍ୟନାଥ ତିର୍କୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ବାଲ୍ୟଲୀଳା

ଥୁଆପାଲି, ୨୧।୨(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅର୍ଜୁଣ୍ଡା ପଞ୍ଚାୟତର ବିଲେଇବେର୍ଣ୍ଣା ନୂଆଟିକ୍ରା ଅଲେଖ ମହିମା ମଠରେ ୨୧ତମ ବିଶ୍ୱଶାନ୍ତି ଅଖଣ୍ଡ ବ୍ରାହ୍ମଯଜ୍ଞ ବାଲ୍ୟ ଲୀଳା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳା, ପୁରୁଷମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ସନ୍ୟାସୀ ବାବା (ସୁରଥ ତ୍ୟାଗୀ ମଠ, ଖଲିଆପାଲି) ହୋମଯଜ୍ଞ କାର୍ଯ୍ୟ ତୁଲାଉଛନ୍ତି। ସୀତାରାମ ବନଛୋର, ଚକ୍ରପାଣି ଭୂଏ, ଗଣେଶ ସନ୍ୟାସୀ, ଗୋପବନ୍ଧୁ ଥପା, ରମେଶ ବାଗ ଓ ନରେନ୍ଦ୍ର ଭୂଏ ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରୁଛନ୍ତି।

# ବରଗଡ଼ ଥାନା ଅଧିକାରୀଙ୍କ ସମ୍ବର୍ଦ୍ଧନା

ବରଗଡ଼, ୨୧।୨(ସମିସ): ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲ ଟାଉନ ଥାନା ଆଇଆଇସି ଚିତ୍ତରଞ୍ଜନ ମେହେରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ସମାଜସେବୀ ଅନୁପମା ଭୋଇ ଉପସ୍ଥିତ ଥିଲେ। ଏହି ସମ୍ମାନ ଆହୁରି ଭଲ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମେହେର କହିଛନ୍ତି।

# ରାତ୍ରି ଆଶ୍ରୟସ୍ଥଳ ଅନ୍ତେବାସୀଙ୍କ ଭ୍ରମଣ

ବରଗଡ଼, ୨୧।୨(ସମିସ): ବରଗଡ଼ ସହର ମଧ୍ୟରେ ଥିବା ରାତ୍ର ଆଶ୍ରୟସ୍ଥଳର ଅସହାୟ ଅନ୍ତେବାସୀମାନେ ଛତିଶଗଡ଼ସ୍ଥିତ ପ୍ରସିଦ୍ଧ ଚନ୍ଦ୍ରହାସିନୀ ପୀଠ ସମେତ ବିଭିନ୍ନ ପର୍ଯ୍ୟଟନ ଓ ଧର୍ମସ୍ଥଳ ଭ୍ରମଣ କରିଛନ୍ତି। ବରଗଡ଼ର ସୁବ୍ରତ ବିର୍ତ୍ତିଆଙ୍କ ସହଯୋଗରେ ଏହା ସମ୍ଭବ ହୋଇଛି। ଏମାନେ ଭଟଲି ଅମ୍ବାଭୋନା କେଦାରନାଥ ପୀଠ, ଭଟଲି ଦଧିବାମନ ପୀଠ ଏବଂ ଶ୍ୟାମ୍ ମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ।

# ଝାରବନ୍ଧରେ ଦୁଇ ଦିନିଆ 'ଅଦ୍ୱିକା' କାର୍ଯ୍ୟକ୍ରମ

ଝାରବନ୍ଧ, ୨୧।୨(ସମିସ): ଝାରବନ୍ଧ ବ୍ଲକରେ ଦୁଇ ଦିନିଆ 'ଅଦ୍ୱିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ସୁଷମା ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଦିନରେ ୩୦ ଜଣ ଏବଂ ଦ୍ୱିତୀୟ ଦିନରେ ୩୦ ଜଣ ଅଙ୍ଗନବାଡି କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ ୧୦ରୁ ୧୯ ବର୍ଷ ବୟସର କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପୌଷ୍ଟିକତା, ଆଇରନ ବଟିକାର ଗୁରୁତ୍ୱ ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସଚେତନତା ଓ ଆଲୋଚନା କରାଯାଇଥିଲା।

# ରକ୍ତଦାନ କରି ଆଦର୍ଶ ସାଜିଲେ ଚିରଞ୍ଜିବୀ

ମେଲଛାମୁଣ୍ଡା, ୨୧।୨(ସମିସ): ପଦ୍ମପୁର ସବଡିଭିଜନ ଅଧୀନ ମେଲଛାମୁଣ୍ଡା ଗାଁ ଯୁବକ ଚିରଞ୍ଜିବୀ ମିଶ୍ର କୁର୍ଶପାଲି ଗାଁର ଜଣେ ମହିଳାଙ୍କୁ ବି ପଜିଟିଭ ରକ୍ତ ଆବଶ୍ୟକତା ପଡୁଥିବା ବେଳେ ରକ୍ତଦାନ କରି ଅନ୍ୟ ମାନଙ୍କ ପାଇଁ ଆଦର୍ଶ ସାଜିଛନ୍ତି। ଚିରଞ୍ଜିବୀଙ୍କ ଏମିତି କାମ ପାଇଁ ସଙ୍କଳ୍ପ ପରିବାର ମୁଖ୍ୟ ବିକାଶ ଅଗ୍ରୱାଲ ତଥା ନିଷ୍ଠା ପରିବାର ମୁଖ୍ୟ ଅଶ୍ୱିନୀ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଚିରଞ୍ଜିବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପଦ୍ମପୁର, ୨୧।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁର ବିଦ୍ୟାମନ୍ଦିର ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାମନ୍ଦିର ପ୍ରମୁଖ ଦେବରାଜ ଡନସନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଲ୍ୟାଣୀ ଗୁରୁମା ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ରଜତ ଗୁରୁଜୀ ଶପଥ ପାଠ କରିଥିଲେ। ମିନତୀ ଗୁରୁମା ସଂଯୋଜନା କରିଥିବା ବେଳେ କଳ୍ପନା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶିଶୁମନ୍ଦିର ବିଭାଗରରେ ରଞ୍ଜିତା ଗୁରୁମା ସଂଯୋଜନା କରିଥିବା ବେଳେ ଲୋପାମୁଦ୍ରା ଗୁରୁମା ଉଦ୍ଦେଶ୍ୟ କଥନ କରିଥିଲେ। ଜୀବନାନନ୍ଦ ଶତପଥୀ ଓ ସଞ୍ଜିବ ସାହୁ ଗୁରୁଜୀ ମାକ୍ଷତୃଭାଷା ଦିବସର ମହତ୍ତ୍ୱ ପ୍ରତିପାଦିତ କରିଥିଲେ।



ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଦୀପ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ

ପଦ୍ମପୁର, ୨୧।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଆଧାର ସ୍ତରର ନୂତନ ଶିଶୁ ମାନଙ୍କର ସମଗ୍ର ବିକାଶରେ ପରିବାରର ଭୂମିକାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଅଭିଭାବକ ଅଭିଭାବିକା ମାନଙ୍କ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ଶିକ୍ଷା ସଂସ୍କୃତି ପରମ୍ପରାରେ ସଂସ୍କାର ଓ ଚରିତ୍ର ଗଠନକୁ ଗୁରୁତ୍ୱାରୋପ କରି ଶିଶୁର ଶାରୀରିକ ଓ ମାନସିକ ଆବଶ୍ୟକତା ତଥା ଆହାର ବିହାର ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ଶିଶୁ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାମନ୍ଦିର ପ୍ରମୁଖ ଦେବରାଜ ଡନସନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଉଦ୍ଦେଶ୍ୟ କଥନ କରିଥିଲେ। ଜୀବନାନନ୍ଦ ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଘରୋଇ ପରିବେଶରେ ଶିଶୁଙ୍କ ଶିକ୍ଷାକୁ କିପରି ସାର୍ଥକ କରାଯାଇ ପାରିବ ସେ ବିଷୟରେ ନୀତୁ ସାହୁ ଗୁରୁମା ପ୍ରାୟଗିକ କାଳାଂଶକୁ ଆଗେଇ ନେଇଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଶିଶୁର ମନ୍ଦ ଅଭ୍ୟାସ ଓ ଭଲ ଅଭ୍ୟାସ ଉପରେ ପ୍ରଦର୍ଶନୀ ପ୍ରଦର୍ଶନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ୫୮ ଜଣ ପିତାମାତା ଯୋଗ ଦେଇଥିଲେ।

# ଆନ୍ତର୍ଜାତିକ ମାତୃଭାଷା ଦିବସରେ କବିତା ଆବୃତ୍ତି ଓ ପୋଷ୍ଟର ପ୍ରତିଯୋଗିତା

ଅମ୍ବାଭୋନା, ୨୧।୨(ସମିସ): ଅମ୍ବାଭୋନା ବ୍ଲକ ଅଧୀନ ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ଏହି ଅବସରରେ କବିତା ଆବୃତ୍ତି ଓ ପୋଷ୍ଟର ମେକିଂ ପ୍ରତିଯୋଗିତା ହୋଇଥିଲା। ଛାତ୍ରଛାତ୍ରୀ ମାତୃଭାଷାର ମହତ୍ତ୍ୱ ଉପରେ କବିତା ପାଠ କରିବା ସହ ସୃଜନଶୀଳ ପୋଷ୍ଟର ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ କବି ଓ ପ୍ରାବନ୍ଧିକ ଦେବାର୍ଚ୍ଚନ ନାଏକ ଯୋଗ ଦେଇଥିଲେ। ମାତୃଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାରର ଆବଶ୍ୟକତା ଉପରେ ସେ ଉଦ୍‌ବୋଧନ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ସେ ତାଙ୍କ ସ୍ୱରଚିତ ପୁସ୍ତକ ଝାର୍, ପତରା ଏବଂ ବାରପାହାଡର ବାରକଥା ବିଦ୍ୟାଳୟର ପାଠାଗାରକୁ ଦାନ କରିଥିଲେ। ସଭା ସଞ୍ଚାଳନ ମହେଶ୍ୱର ପଧାନ ଓ ଆଦିତ୍ୟ ଭୁଏ କରିଥିବା ବେଳେ ଧନ୍ୟବାଦ ଅର୍ପଣ ଦେବପ୍ରିୟା ତାଣ୍ଡି କରିଥିଲେ। ଶିକ୍ଷକମାନେ ବିକାଶ ପଧାନ, ଗଙ୍ଗାରାମ ମିର୍ଦ୍ଧା, ଅବିନାଶ ପଧାନ, ନିକେଶ ସାହୁ, ସୁଶୀଲ ନାଏକ, ସ୍ୱାଧୀନ ସ୍ୱରୂପ ସାହୁ, ଆକାଶ ଖମାରି, ଦିବ୍ୟାନନ୍ଦ ମେହେର, ଉମେଶ ସାହୁ ଓ ଭାଗ୍ୟଶ୍ରୀ ନାୟକ ଉପସ୍ଥିତ ଥିଲେ। କର୍ମଚାରୀ ଯଦୁନନ୍ଦନ ପଧାନ ଓ ରାଜୁ ଡନସନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ବିଶ୍ୱାଳ ମୁଖ୍ୟ ଅତିଥିଙ୍କୁ ଫୁଲତୋଡା ଓ ଉପହାର ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଆନ୍ତଃକଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବରଗଡ଼, ୨୧।୨(ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ ଗ୍ରୁପରେ ଦୀର୍ଘ ଦୁଇ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଆପ୍ରାଇଜ ମେଡିକାଲ ସାଇନ୍ସ ଆୟୋଜନ କରିଛି। ଏଥିରେ ଆପ୍ରାଇଜ ଗ୍ରୁପର ବିଭିନ୍ନ ଶାଖାର ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସମ୍ବଲପୁର ଆର୍ଟ୍ସ ଏବଂ ସମ୍ବଲପୁର ନର୍ସିଂ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଇଂ.ଜଗଦୀଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମ୍ୟାଚ୍‌ରେ ଆପ୍ରାଇଜ ଗ୍ରୁପର ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବଲାଙ୍ଗିର ଆପ୍ରାଇଜର ଚେୟାରମ୍ୟାନ ଇଂ.ତ୍ରିବିକ୍ରମ ବେହେରା ଉପସ୍ଥିତ ଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷ ପଙ୍କଜ ବାଗ ଏବଂ ପ୍ରଶାସନିକ ଅଧିକାରୀ ମାନସରଞ୍ଜନ ସାହୁ ପରିଚାଳନା କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି।



# ମାଁ କୁଳେଶ୍ୱରୀ ଦୁର୍ଗାଦେବୀ ମନ୍ଦିରର ବାର୍ଷିକୋତ୍ସବ

ମେଲଛାମୁଣ୍ଡା, ୨୧।୨(ସମିସ): ପ୍ରସିଦ୍ଧ ଶକ୍ତିପୀଠ ଘେଁସ ସ୍ଥିତ ଶ୍ରୀ କୁଳେଶ୍ୱରୀ ମାଁ ଦୁର୍ଗାଦେବୀ ମନ୍ଦିରର ବାର୍ଷିକ ଉତ୍ସବ ଅତ୍ୟନ୍ତ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ପୁଡିବନ୍ଧ ଠାରୁ ଶତାଧିକ ଶ୍ରଦ୍ଧାଳୁ ପବିତ୍ର ଜଳପୂର୍ଣ୍ଣ କଳସ ମୁଣ୍ଡାଇ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ସଙ୍କୀର୍ତ୍ତନ ଓ ଜୟ ମାଁ କୁଳେଶ୍ୱରୀ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ପରେ ମନ୍ଦିର ପରିସରରେ କଳସ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ ରାମଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ମାଁ ଦୁର୍ଗାଦେବୀଙ୍କ ଷୋଡଶ ପଚାର ପୂଜା ହୋଇଥିଲା। ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଭଜନ ଗାୟକ ଦୁଃଖିଶ୍ୟାମ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ 'ବାଦି କରମସାନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ମନ୍ଦିରର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ସହଯୋଗ କରିଥିବା ଶ୍ରଦ୍ଧାଳୁ ଓ ସହଯୋଗୀମାନଙ୍କୁ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ସମ୍ମାନିତ କରିଥିଲେ।

# ପ୍ରବୋଧନ ପ୍ରଶିକ୍ଷଣ ଶିବିର



ବରଗଡ଼, ୨୧।୨(ସମିସ): ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ୪ଟି ପର୍ଯ୍ୟାୟରେ ପ୍ରବୋଧନ ପ୍ରଶିକ୍ଷଣ ଶିବିର ବିଭିନ୍ନ କ୍ଲଷ୍ଟର ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରଟି ବରଗଡ଼ ବ୍ଲକ ଅଧୀନତ ବର୍ଡୋଲ, ଆମ୍ବାପାଲି ଓ ତୋରା ଠାରେ ଅନୁଷ୍ଠିତ ହୋଇଛି। ଶିବିରରେ ଏନଇପି ୨୦୨୦ ଉପରେ ଆଧାରିତ ସମସ୍ତ ପାଠ୍ୟପୁସ୍ତକ ଉପରେ, ଭାରତୀୟ ଜ୍ଞାନ ପରମ୍ପରା ଉପରେ, ପଞ୍ଚକୋଶ, ପଞ୍ଚପଦି ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡକ୍ଟର ସୁରେନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଶିବିରଟି ସମାପ୍ତ ହୋଇଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମା ଜୟନ୍ତୀ

ପାଇକମାଳ, ୨୧।୨(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ଶ୍ରୀମାଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀମାଙ୍କ ପାଦପଦ୍ମରେ ଧୂପ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନାମ ଜପ ପରେ ସଭାକାର୍ଯ୍ୟ ହୋଇଥିଲା। ଅଧ୍ୟକ୍ଷ ଗଙ୍ଗାଧର ରଣା ଶ୍ରୀମାଙ୍କ ଉତ୍ସର୍ଗୀକୃତ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉତ୍ତମ ରଣା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପୁଷ୍ପ ପ୍ରଦର୍ଶନୀ ହୋଇଥିଲା। ଉପାଧ୍ୟକ୍ଷ ମଳୟ ହଂସ, ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ, ଜଗନ୍ନାଥରଣା, କରୁଣାକର ପ୍ରଧାନ, ବବିତା ପ୍ରଧାନ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଅପା ଭାଇ ପରିଚାଳନାରେ ସହଯୋଗ କରିଥିଲେ।

# ଶାନ୍ତିଶୃଙ୍ଖଳାରେ ଇଂରାଜୀ ପରୀକ୍ଷା ଶେଷ

**● ପାଇକମାଳରେ ୨୧ ପରୀକ୍ଷାର୍ଥୀ ଅନୁପସ୍ଥିତ**



ପାଇକମାଳ, ୨୧।୨(ସମିସ): ଗୁରୁବାର ଠାରୁ ସମଗ୍ର ରାଜ୍ୟରେ ୨୦୨୫-୨୬ ବର୍ଷ ପାଇଁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପାଇକମାଳ ବ୍ଲକରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୨୧ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଶନିବାର ଇଂରାଜୀ ବିଷୟରେ ପରୀକ୍ଷାରେ ବ୍ଲକରେ ମୋଟ ୧୬୨୧ ଜଣ ଛାତ୍ରଛାତ୍ରୀ ମଧ୍ୟରେ ୧୬୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୧ ଜଣ ଅନୁପସ୍ଥିତ ଥିଲେ। ମାଟ୍ରିକରେ ଇଂରାଜୀ ବିଷୟରେ ୯୮.୭୯% ଛାତ୍ରଛାତ୍ରୀ ଉପସ୍ଥାନ ଥିବା ବେଳେ ମଧ୍ୟମାରେ ୧୦୦% ପ୍ରତିଶତ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରହିଥିଲା। ଏନେଇ ଶନିବାର ସ୍ୱତନ୍ତ୍ର ସ୍କ୍ୱାଡ୍ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଥିଲେ। ପ୍ରତ୍ୟେକ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାରେ ପରୀକ୍ଷାରେ ଚାଲୁଛି। ଏନେଇ ପାଇକମାଳ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

**ସୋହେଲା କପ୍ କ୍ରିକେଟ**

# ବ୍ଲୁଡାଇମଣ୍ଡ ବରଗଡ଼କୁ ହରାଇ ଲରମ୍ଭା ଫାଇନାଲରେ

ସୋହେଲା, ୨୧।୨(ସମିସ)



ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ଡ.ରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ସୋହେଲା ମିନି ଷ୍ଟେଡିୟମରେ ଚାଲିଥିବା ସୋହେଲା କପ କ୍ରିକେଟ ପ୍ରତିଯୋଗିତାରେ ଶନିବାର ବରଗଡ଼ ବ୍ଲୁଡାଇମଣ୍ଡ ଏବଂ ଲରମ୍ଭା ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ବ୍ଲୁଡାଇମଣ୍ଡ ଦଳକୁ ୫ ଉଇକେଟରେ ହରାଇ ଲରମ୍ଭା ଫାଇନାଲରେ ପ୍ରବେଶ କରିଛି। ଆଜି ବରଗଡ଼ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୯୯ ରନ କରିଥିଲା। ଏହି ଟାର୍ଗେଟକୁ ପିଛା କରି ଲରମ୍ଭା ଦଳ ୫ ଉଇକେଟ ହରାଇ ୨୦୦ ରନ କରି ମ୍ୟାଚ୍‌କୁ ଜିତିଥିଲା। ଲରମ୍ଭା ଦଳ ଆସନ୍ତାକାଲି ବଲାଙ୍ଗିର ସହ ଫାଇନାଲ ଖେଳିବ। ଲରମ୍ଭାର ସୌରଭ ନାୟକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ୍ ଆରମ୍ଭରେ ବ୍ୟବସାୟୀ ଜଗନ୍ନାଥ ମହାମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଆଥଲେଟିକ ଆସୋସିଏସନ ସଭାପତି ସତ୍ୟନାରାୟଣ ଦେବତା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ୍‌କୁ ଓସିଏ ଅମ୍ପାୟାର ପ୍ରଦୀପ ଦାଶ, ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିଲେ। ଅନିମେଶ ଦେବତା ସ୍କୋରର ଥିଲେ। ରିଙ୍କୁ ଭୋଇ, ଚନ୍ଦ୍ରମଣି ଭଞ୍ଜ ପ୍ରଦାନ କରିଥିଲେ। ଆସନ୍ତାକାଲି ଏଏଫସିସି ବଲାଙ୍ଗିର ଏବଂ ଲରମ୍ଭା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସଙ୍ଗୀତ ସାଧକ ରବିଶଙ୍କର ବେହେରାଙ୍କୁ ସମ୍ବର୍ଦ୍ଧନା

ଅମ୍ବାଭୋନା, ୨୧।୨(ସମିସ): କଳା ଓ ସଂସ୍କୃତିର ପବିତ୍ର ଧାରାକୁ ଆଗକୁ ବଢ଼ାଇ ଆସୁଥିବା ସଙ୍ଗୀତ ସାଧକ ରବିଶଙ୍କର ବେହେରାଙ୍କୁ 'କଳାକ୍ଷେତ୍ର ଗାଁ ଦିବସ ସମ୍ମାନ' ପ୍ରଦାନ କରାଯାଇଛି। କଳାକ୍ଷେତ୍ର ଭୁବନେଶ୍ୱରର ସଭାପତି, ଚଳଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଅଶ୍ରୁମୋଚନ ମହାନ୍ତି ଓ ସମ୍ପାଦକ ପ୍ରୋଜେକ୍ଟ ଡାଇରେକ୍ଟର ବାସୁଦେବ ମାଲବିଶୋଇଙ୍କ କରକମଳରୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ବରଗଡ଼ ଜିଲ୍ଲା କଳା ସଂଘର ସଭାପତି ଅମୃତ ବାରିକଙ୍କ ସମେତ ରାଜ୍ୟର ଅନେକ ମାନ୍ୟଗଣ୍ୟ କଳାକାର ଉପସ୍ଥିତ ଥିଲେ। ରବିଶଙ୍କର ବିଗତ କିଛି ଦିନ ପୂର୍ବରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତିନି ଶହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେଇଥିବାରୁ ତାଙ୍କୁ ସଙ୍ଗୀତ ସୁଧାକର ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳାକ୍ଷେତ୍ର ଗାଁ ଦିବସ ସମ୍ମାନ ଓ ସଙ୍ଗୀତ ସୁଧାକର ସମ୍ମାନ ପାଇଥିବା ବିରଳ କଳାକାରଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦ, ପ୍ରକାଶପୁର ଠାରେ ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାର ଆରମ୍ଭରେ ମା ସରସ୍ୱତୀଙ୍କ ବନ୍ଦନା ପରେ ପରିଷଦର ସଭାପତି ଶିବ ଭୋଇ ସଙ୍ଗୀତ ସାଧକ ରବିଶଙ୍କର ବେହେରାଙ୍କୁ ଉପହାର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସଭାରେ ଉପସଭାପତି ମୋତିଲାଲ ସାହୁ, ସମ୍ପାଦକ ପଟେଲଙ୍କ ସହିତ ସଙ୍ଗୀତ କଳା ପରିବାରର ଥଣ୍ଡାରାମ ପଧାନ, ନାଗାର୍ଜୁନ ସାହୁ, କିଶୋର ପୁରୋହିତ, ପୁରଞ୍ଜନ ଡୁଙ୍ଗୁରି, ଲିଙ୍ଗରାଜ ପଟେଲ, ମହାଦେବ ବାଗ, ଉମେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସଭାର ପ୍ରୋଜେକ୍ଟ ଡାଇରେକ୍ଟର ଜନ୍ମଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



